OPTCL
Lifeline of Odisha

# ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)

ପଞ୍ଜୀକୃତ କାର୍ଯ୍ୟାଳୟ : ଓପିଟିସିଏଲ୍ ଟେକ୍ ଟାୱାର, ଜନପଥ, ସହିଦ ନଗର, ଭୁବନେଶ୍ୱର - ୭୫୧୦୦୭

CIN : U40102OR2004SGC007553


## ଶୁଳ୍କ ବିଜ୍ଞପ୍ତି

## ତା. ୦୧.୦୪.୨୦୨୫ ରିଖରୁ ଲାଗୁହେବା ନିମନ୍ତେ

## ସରବରାହ ଶୁଳ୍କ ଏବଂ ମୁକ୍ତ ପ୍ରବେଶ ଦେୟ

ବିଦ୍ୟୁତ୍ ଆଇନ୍, ୨୦୦୩ ଅନ୍ତର୍ଗତ ୬୪ (୩) ଧାରା ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ବ୍ୟବସ୍ଥାନୁଯାୟୀ ପ୍ରାପ୍ତ କ୍ଷମତା ବଳରେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ତା.୨୪.୦୩.୨୦୨୫ ରିଖରେ ମାମଲା ସଂଖ୍ୟା ୯୩/୨୦୨୪ ରେ ତା.୦୧.୦୪.୨୦୨୫ ରିଖରୁ ଲାଗୁ ହେବା ନିମନ୍ତେ ଓପିଟିସିଏଲ୍‌ର ସମୁଦାୟ ରାଜସ୍ୱ ଆବଶ୍ୟକତା ଏବଂ ସରବରାହ ଶୁଳ୍କ ନିର୍ଦ୍ଧାରଣ ସମ୍ବନ୍ଧରେ ଆଦେଶନାମା ପ୍ରଦାନ କରିଛନ୍ତି ।

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ନିର୍ଦ୍ଦେଶ ପ୍ରକାରରେ ଓଇଆର୍‌ସି (ବ୍ୟବସାୟ ପରିଚାଳନା) ବିନିୟମ, ୨୦୦୪ ଅନ୍ତର୍ଗତ ବିନିୟମ ୫୭ ଅନୁଯାୟୀ ଓପିଟିସିଏଲ୍ ଏତଦ୍ୱାରା ସରବରାହ ଶୁଳ୍କ ତାଲିକା ଏବଂ ମୁକ୍ତ ପ୍ରବେଶ ଦେୟର ତାଲିକା ପ୍ରକାଶନ କରୁଅଛି ।

### ତା. ୦୧.୦୪.୨୦୨୫ ରିଖରୁ ଲାଗୁ ହେବା ନିମନ୍ତେ ସରବରାହ ଶୁଳ୍କର ତାଲିକା

**୧.** ନିମ୍ନଲିଖିତ ପାରା (କ) ଠାରୁ (ଙ) ପର୍ଯ୍ୟନ୍ତ ଉପଯୁକ୍ତ ଦେୟର ମିଶ୍ରଣରେ ସମ୍ପୂର୍ଣ୍ଣ ଦେୟ ହିସାବ ହେବ ।

(କ) **ସରବରାହ ଦେୟ :**

ଓପିଟିସିଏଲ୍‌ର ୪୦୦ କେଭି /୨୨୦ କେଭି / ୧୩୨ କେଭି ଅତ୍ୟୁଚ୍ଚ ବିଦ୍ୟୁତ୍ ସରବରାହ ଲାଇନ୍ ଏବଂ ସବଷ୍ଟେସନ୍ ମାଧ୍ୟମରେ ଶକ୍ତି ସରବରାହ ନିମନ୍ତେ ବିତରଣକାରୀ ସଂସ୍ଥା ମାନଙ୍କୁ ସରବରାହ ମୂଲ୍ୟ ୟୁନିଟ୍ ପିଛା ୨୫.୫୦ ପଇସା ଦେବାକୁ ହେବ । ସିଜିପିର ଉତ୍ପାଦିତ ଶକ୍ତିକୁ ଏହାର ରାଜ୍ୟ ମଧ୍ୟରେ ଅନ୍ୟତ୍ର ଅବସ୍ଥାପିତ କାରଖାନା ପର୍ଯ୍ୟନ୍ତ ସରବରାହ ପାଇଁ ମଧ୍ୟ ଏହି ଦେୟ ଲାଗୁ ହେବ । ପ୍ରଯୁଜ୍ୟ ମୁକ୍ତ ପ୍ରବେଶ ବିନିୟମ ଅନୁଯାୟୀ ମୁକ୍ତ ପ୍ରବେଶ ଖାଉଟିମାନଙ୍କୁ(ଦୀର୍ଘ,ମଧ୍ୟମ ଏବଂ ସ୍ୱଳ୍ପ ମିଆଦି- ବିତରଣ ସଂସ୍ଥା ବ୍ୟତିତ) ୬୧୨୦ ଟଙ୍କା / ମେଗାୱାଟ୍-ଦିନ (୨୫୫ ଟଙ୍କା / ମେଗାୱାଟ୍ ଘଣ୍ଟା) ହିସାବରେ ନିୟାମକଙ୍କ ଆନ୍ତଃରାଜ୍ୟ ଅବାଧ ପ୍ରବେଶ ଅଧିନିୟମ ୨୦୨୦ ହିସାବରେ ସରବରାହ ଶୁଳ୍କ ଦେୟ ଦେବାକୁ ହେବ ।

(ଖ) **ଅବାଧ ପ୍ରବେଶ ଶୁଳ୍କ:**

୨୦୨୪ର କେସ୍ ନଂ ୮୫,୮୯,୯୬ ଏବଂ ୧୦୦ରେ କମିଶନଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଶୁଳ୍କ ଅନୁଯାୟୀ ଅବାଧ ପ୍ରବେଶ ଶୁଳ୍କ ଲାଗୁ ହେବ ।

(ଗ) **ଓଡ଼ିଶା ଅକ୍ଷୟ ଶକ୍ତି ନୀତି ଅଧିନସ୍ତ ଛାଡ:**

ଓପିଟିସିଏଲ ଆଗାମି ୧୫ ବର୍ଷ ପର୍ଯ୍ୟନ୍ତ ରାଜ୍ୟ ସରବରାହ ଶୁଳ୍କ ବାବଦକୁ କେପ୍‌ଟିଭ୍ ଏବଂ ଅବାଧ ପ୍ରବେଶ ଉପଭୋକ୍ତା ମାନଙ୍କୁ ୟୁନିଟ୍ ପିଛା ୨୦ ପଇସା ଛାଡ ପ୍ରଦାନ କରିବ ଯଦି ଏହି ଉପଭୋକ୍ତା ମାନେ ଅକ୍ଷୟ ଶକ୍ତି ନୀତି ପ୍ରଚଳନ ଅବଧି ସମୟରେ ରାଜ୍ୟରେ କମିଶନ ହୋଇଥିବା ଅକ୍ଷୟ ଶକ୍ତି ପକଳ୍ପରୁ ବିଦ୍ୟୁତ୍ ଉପଭୋଗ କରନ୍ତି । ଏହି ଛାଡ ଆଉ ୫ ବର୍ଷ ପାଇଁ ଲାଗୁ ହୋଇପାରିବ ଯଦି ଅକ୍ଷୟ ଶକ୍ତି ପ୍ରକଳ୍ପ ଗୁଡିକ ୩୧.୦୩.୨୦୨୬ ପୂର୍ବରୁ କାର୍ଯ୍ୟକ୍ଷମ ହୋଇଥାଏ ।

(ଘ) **ରିହାତି :** ବିଲ୍ ଦେୟ, ବିଲ୍ ପାଇବାର ୨ କାର୍ଯ୍ୟ ଦିବସ (ଏନ୍.ଆଇ.ଅଧିନିୟମ ଅନୁଯାୟୀ ଛୁଟି ଦିବସ ବ୍ୟତୀତ) ମଧ୍ୟରେ ଲେଟର୍ ଅଫ୍ କ୍ରେଡିଟ୍ କିମ୍ବା ଏନ୍.ଇ.ଏଫ୍.ଟି / ଆର.ଟି.ଜି.ଏସ୍ / ନଗଦ ଆକାରରେ ପଇଠ କଲେ ୨% ରିହାତି ମିଳିବ । ବିତରଣ ଲାଇସେନ୍ସଧାରୀ ମାନେ ବିଲ୍ ଦେୟ ଲେଟର୍ ଅଫ୍ କ୍ରେଡିଟ୍ ଆକାରରେ ନ ଦେଇ ଅନ୍ୟ ମାଧ୍ୟମରେ ବିଲ୍ ପାଇବାର ୩୦ ଦିନ ମଧ୍ୟରେ ପଇଠ କଲେ ୧% ରିହାତି ପାଇବେ ।

(ଙ) **ବିଳମ୍ବ-ଦେୟ ଅଧିଶୁଳ୍କ:** ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ (ଟ୍ରାନ୍ସମିସନ ଶୁଳ୍କ ନିର୍ଦ୍ଧାରଣ ପାଇଁ ସର୍ତ୍ତାବଳୀ ) ନିୟମାବଳୀ ୨୦୧୪ର ଧାରା ୮.୪୮ ଅନୁଯାୟୀ ବିତରଣ ଲାଇସେନ୍ସଧାରୀମାନେ ବିଲ୍ ପାଇବା ତାରିଖ ଠାରୁ ୩୦ ଦିନ ମଧ୍ୟରେ ବିଲ୍ ଦେୟ ପଇଠ ନ କଲେ ଓପିଟିସିଏଲ୍ ପ୍ରତି ମାସ ବକେୟା ବିଲ୍‌ର ୧.୨୫% ହିସାବରେ ବିଳମ୍ବ-ଦେୟ ଅଧିଶୁଳ୍କ ଆଦାୟ କରିବ ।

ଡିସକମ୍ ବ୍ୟତୀତ ଅନ୍ୟ ଦୀର୍ଘ ମିଆଦି ଅବାଧ ପ୍ରବେଶ ଓ ମଧ୍ୟମ ମିଆଦି ଅବାଧ ପ୍ରବେଶ ଖାଉଟିମାନଙ୍କ ପାଇଁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ (ଆନ୍ତଃ ରାଜ୍ୟ ଅବାଧ ପ୍ରବେଶର ସର୍ତ୍ତାବଳୀ) ନିୟମାବଳୀ ୨୦୨୦ର ଧାରା ୩୩ ଅନୁଯାୟୀ ବିଲ୍ ପାଇବା ତାରିଖ ଠାରୁ ୭ ଦିନ ମଧ୍ୟରେ ବିଲ୍ ଦେୟ ପଇଠ ନ କଲେ ଓପିଟିସିଏଲ୍ ପ୍ରତି ମାସ ବକେୟା ବିଲ୍‌ର ୧.୨୫% ହିସାବରେ ବିଳମ୍ବ-ଦେୟ ଅଧିଶୁଳ୍କ ଆଦାୟ କରିବ ।

**୨. ସରବରାହ କ୍ଷତି:** ମୁକ୍ତ ପ୍ରବେଶ ଖାଉଟି ମାନଙ୍କୁ ୪୦୦ କେଭି / ୨୨୦ କେଭି / ୧୩୨ କେଭି ଡ଼େଲିଭରି ପଏଣ୍ଟରେ ୩.୦୦% ସରବରାହ କ୍ଷତି ବିବେଚନା କରାଯିବ ।

**୩.** ଓପିଟିସିଏଲ୍ ନିମନ୍ତେ ସରବରାହ ଶୁଳ୍କ, ମୁକ୍ତ ପ୍ରବେଶ ଦେୟ, ଅକ୍ଷୟ ଶକ୍ତି ନୀତି ଅଧିନସ୍ତ ଛାଡ ଏବଂ ସରବରାହ କ୍ଷତି ତା. ୦୧.୦୪.୨୦୨୫ ରିଖରୁ ଲାଗୁ ହେବ ଏବଂ ଆୟୋଗଙ୍କ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ ।

**୪.** ଆୟୋଗଙ୍କ ବିସ୍ତୃତ ଆଦେଶନାମା ତାଙ୍କର ୱେବ୍‌ସାଇଟ୍ **www.orierc.org** ଏବଂ ଓପିଟିସିଏଲ୍‌ର ୱେବ୍‌ସାଇଟ୍ **www.optcl.co.in** ରେ ଉପଲବ୍ଧ ।

ଭୁବନେଶ୍ୱର
ତା : ୨୪.୦୩.୨୦୨୫

HIPR-40/24-25

ସ୍ୱା/-
ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ,ଓପିଟିସିଏଲ୍